# କବିତା-୨ : ପଦ୍ମ

## କବି- ମଧୁସୂଦନ ରାଓ

## ଶ୍ରେଣୀ – ନବମ

## ପ୍ରଥମ ଦିନ



Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

**General Objectives -** ସାଧାରଣ ଆଭିମୁଖ୍ୟ :

ପଦ୍ମଫୁଲ ମାଧ୍ୟମରେ ଈଶ୍ୱର ଅନୁଭୂତି ।

ସଂସାର ରୂପକ ପଙ୍କ ମଧ୍ୟରେ ପଦ୍ମ ହିଁ ବିଭୁକୃପାର ଏକ ଅନନ୍ୟ ନିଦର୍ଶନ ।

ମଣିଷ ସମାଜ ପାଇଁ ଏକ ଉତ୍ତରଣ ମାର୍ଗଦର୍ଶନ ।

**Specific Objectives -** ବିଶେଷ ଆଭିମୁଖ୍ୟ :

କବିଙ୍କ ଜୀବନ ଦର୍ଶନ ଏକ ସାହିତ୍ୟ –ସୃଷ୍ଟି ବିଷୟରେ ଧାରଣା ।

ଈଶ୍ୱର ଭକ୍ତି । ରହସ୍ୟବାଦୀ ଚିନ୍ତାଧାରା ଓ ସର୍ବୋପରି ଜୀବନବାଦୀ ଭାବଧାରା ଏବଂ ଜୀବନର

ଚିରନ୍ତନ ମୂଲ୍ୟବୋଧକୁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଜାଗ୍ରତ କରାଇବା ।

ଭାଷାଜ୍ଞାନ ଏବଂ ବ୍ୟାକରଣଗତ ଜ୍ଞାନ ବୃଦ୍ଧି । କଥନ ଦକ୍ଷତା ବୃଦ୍ଧି । ଶୁଦ୍ଧ ଶବ୍ଦ ଲିଖନ କୌଶଳ ।

ODM EDUCATIONAL GROUP
Changing your Tomorrow






ODM
EDUCATIONAL GROUP
Changing your Tomorrow

**Activity :** (କ୍ରିୟାକଳାପ)

ଦଳଗତ ଆଲୋଚନା

"ପଦ୍ମ-ଈଶ୍ୱରଙ୍କ ଅନୁପମ ସୃଷ୍ଟି"

ଦଳଗତ ଆଲୋଚନା ମାଧ୍ୟମରେ ପିଲାମାନେ ନିଜ ନିଜର ଅନୁଭୂତି ବ୍ୟକ୍ତ କରିବେ ।

ହାସ୍ୟମୟୀ, ଲାସ୍ୟମୟୀ, ପ୍ରକୃତିରାଣୀର ଅନୁପମ ସୃଷ୍ଟି -ପଦ୍ମ ଏହାର ବିବିଧ ସୌନ୍ଦର୍ଯ୍ୟ ଏବଂ ଅତୁଳନୀୟ

ଅନୁପମ ବିଷୟରେ ବ୍ୟାଖ୍ୟା ।

କବିଙ୍କ ଦୃଷ୍ଟିରେ ପଦ୍ମ ହିଁ କୋଟିଲାବଣ୍ୟନିଧି ।

## Learning Outcome

ପଦ୍ମ କବିତା ମାଧ୍ୟମରେ ମଣିଷ ଜୀବନପ୍ରତି ଏକ ସତତ ବାର୍ତ୍ତା ଏବଂ ଜୀବନଦର୍ଶନ ପ୍ରତିଫଳିତ ।

ମଣିଷ ଶରୀରର ବିଭିନ୍ନ ଅଂଗ ସହିତ ପଦ୍ମର ସୌନ୍ଦର୍ଯ୍ୟକୁ ତୁଳନା କବିଙ୍କ କବିତ୍ୱ ଚାତୁରୀର ନିଦର୍ଶନ ।

ବିଷ୍ଣୁ, ବିଷ୍ଣୁକୃପା ଏବଂ ବିଷ୍ଣୁଙ୍କ ବିଭୁତି ସମସ୍ତ ପାଠକ – ଶ୍ରେଣୀ ତଥା ମାନବ ସମାଜ ପାଇଁ  ଅପରିହାର୍ଯ୍ୟ ।

ସୁକର୍ମ ହିଁ ମଣିଷକୁ ସତ୍ – ଚିତ୍ - ଆନନ୍ଦ ପ୍ରଦାନ କରିଥାଏ ।

ବିଷ୍ଣୁକୃପା ହିଁ ଜୀବନରେ ସର୍ବଶ୍ରେଷ୍ଠ ।

# ପ୍ରାରମ୍ଭିକ ସୂଚନା ଏବଂ କବିତା ଉପସ୍ଥାପନା

କବି ପରିଚୟ

କବି-ମଧୁସୂଦନ ରାଓ (ଭକ୍ତକବି)

ମଧୁସୂଦନ ଦାସ (ଉତ୍କଳ ଗୌରବ)

ସାହିତ୍ୟ ସୃଷ୍ଟି – 'ଛାନ୍ଦମାଳା' 'ବର୍ଣ୍ଣବୋଧ' ..........

ଯୁଗ- ଆଧୁନିକ ଯୁଗ

ବ୍ରାହ୍ମଧର୍ମ ଗ୍ରହଣ କଲାପରେ ସାହିତ୍ୟ ଲେଖାର ଆମ୍ବିକରେ ପରିବର୍ତ୍ତନ /

ଗୀତି କବିତାର ରଚୟିତା ।

**କବି ଓ କବିତା –**

କବିତା 'ପଦ୍ମ' କବିଙ୍କର ଛାନ୍ଦମାଳା ଦ୍ୱିତୀୟ ଖଣ୍ଡ ଅନ୍ତର୍ଗତ ଏକ ଭାବଗର୍ଭକ କବିତା । କବିତାଟିରେ କବିଙ୍କର ସୌନ୍ଦର୍ଯ୍ୟବୋଧ ସହିତ ଈଶ୍ୱରାନୁଭୂତି ସମ୍ମିଶ୍ରିତ । ବାଲ୍ୟାବସ୍ଥାରୁ ମଧୁସୂଦନଙ୍କର ଧର୍ମ ଓ ଈଶ୍ୱରଭକ୍ତିରେ ପ୍ରଗାଢ଼ ବିଶ୍ୱାସ ଥିଲା । କୈଶୋର ଅବସ୍ଥାରୁ ତାଙ୍କଠାରେ ପ୍ରବଳ ସତ୍ୟାନୁସନ୍ଧିତ୍ସା ଓ ସତ୍ୟାନୁରାଗ ଆଦି ବିଶେଷ ଗୁଣ ବିକଶିତ ହୋଇଥିଲା । କଟକ ସ୍କୁଲରେ ଛାତ୍ରଭାବେ ଅଧ୍ୟୟନରତ ଥିବା ସମୟରୁ ସେ ବ୍ରାହ୍ମଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ । ପରବର୍ତ୍ତୀ ସମୟରେ 'ଯେ ବୈ ଭୂମା ତତ୍ ସୁଖମ୍ ନାଳ୍ପେ ସତ୍ୟମସ୍ତି' – ଏହି ମହାମନ୍ତ୍ରରେ ଦୀକ୍ଷିତ ହୋଇ ସେ ନିରାକାର, ସତ୍ୟରୂପୀ ମହତୋ ମହୀମାନ୍ ପୁରୁଷଙ୍କୁ ଆରାଧନା କରିବାକୁ ଲାଗିଲେ । ତାଙ୍କୁ ସମଗ୍ର ପ୍ରକୃତି ବ୍ରହ୍ମମୟ ପ୍ରତୀୟମାନ ହେଲା । ପ୍ରକୃତିର ଛତ୍ରେ ଛତ୍ରେ ସେ ବିଶ୍ୱନିୟନ୍ତା ପରଂବ୍ରହ୍ମଙ୍କ ଉପସ୍ଥିତି ଅନୁଭବ କଲେ । ତେଣୁ ତାଙ୍କ ସୃଷ୍ଟିଗୁଡ଼ିକ ହୋଇଉଠିଲା ଆନନ୍ଦମୟ, ଅମୃତମୟ, ମଧୁମୟ ଓ ମଙ୍ଗଳମୟ । ମାନବ ପ୍ରାଣରେ ଶାଶ୍ୱତ ଚେତନା ଜାଗ୍ରତ କରିବାରେ ଏକେଶ୍ୱରବାଦରେ ବିଶ୍ୱାସୀ ଏହି ଋଷିପ୍ରତିମ କବିକଣ୍ଠରୁ ଝରିଆସିଛି ।

'ସୂର୍ଯ୍ୟ, ଚନ୍ଦ୍ର, ତାରା ତୁମ୍ଭରି ଆଜ୍ଞାରେ

ବରଷନ୍ତି ଜ୍ୟୋତି ରାଶି

ତୁମ୍ଭରି କୁସୁମ ପ୍ରତି ପ୍ରଭାତରେ

ହସଇ ଆନନ୍ଦେ ଭାସି ।'



ODM
EDUCATIONAL GROUP
Changing your Tomorrow

## ଗୃହକର୍ମ :

କବିତାର ୩ଟି ପଦ ମୁଖସ୍ଥ କର, କବିଙ୍କ ବିଷୟରେ ଗୋଟିଏ ଅନୁଚ୍ଛେଦ ଲେଖ ।

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow